# ଓଡ଼ିଆ

# ODIA
# (233)

## ଶିକ୍ଷକ ଅଙ୍କିତ ମୂଲ୍ୟାଙ୍କନ ପତ୍ର

ପୂର୍ଣ୍ଣ ସଂଖ୍ୟା : ୨୦

ଟିପ୍ପଣୀ: (କ) ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟାଙ୍କ ଏହାର ଡାହାଣ ପାର୍ଶ୍ୱରେ ସୂଚିତ କରାଯାଇଅଛି ।

(ଖ) ଉତ୍ତର ପୁସ୍ତିକାର ପ୍ରଥମ ପୃଷ୍ଠାର ଉପର ଅଂଶରେ ନିଜର ନାମ, ଅନୁକ୍ରମାଙ୍କ, ଅଧ୍ୟୟନ କେନ୍ଦ୍ରର ନାମ ଏବଂ ବିଷୟକୁ ସ୍ପଷ୍ଟ ଭାବରେ ଲେଖ ।

**୧. ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ରୁ ୬୦ ଶବ୍ଦ ମଧ୍ୟରେ ଲେଖ ।**

**(୨ × ୧)**

(କ) ପାଠପଢ଼ି ଶିକ୍ଷିତ ହୋଇଥିବା ଲୋକେ ସ୍ଥଳବିଶେଷରେ ମୂର୍ଖପରି ଆଚରଣ ଦେଖାଇଥାନ୍ତି । ନିଜ ଅଭିଜ୍ଞତା ସମ୍ବଳିତ ସତ୍ୟତା ପ୍ରକାଶ କର । (ପାଠ ୬ ଦେଖ)

(ଖ) ସର୍ବଶୋଭାର ଭଣ୍ଡାର ଚିଲିକା । ଏହି ଉକ୍ତିର ସତ୍ୟତା ପ୍ରତିପାଦନ କର । (ପାଠ ୧୦ ଦେଖ)

**୨. ନିମ୍ନ ଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ରୁ ୬୦ ଶବ୍ଦ ମଧ୍ୟରେ ଲେଖ ।**

**(୨ × ୧)**

(କ) ଧୂଳିଖେଳ ବୟସର ଶିଶୁକୃଷ୍ଣଙ୍କ ପାଟିରୁ ମାଟି କାଢ଼ିଲାବେଳେ ପୁଅ ପାଟିରେ ବିଶ୍ୱବ୍ରହ୍ମାଣ୍ଡକୁ ଦେଖି ମା' ଯଶୋଦା କିପରି ଚକିତ ହୋଇପଡ଼ିଲେ କଳନା କର । (ପାଠ ୫ ଦେଖ)

(ଖ) ଆମେ ଭାରତୀୟ ବୋଲି ନିଜକୁ କହିପାରିବା ଓ ଗର୍ବକରିବାର ଯଥାର୍ଥତା ଦର୍ଶାଅ । (ପାଠ ୧୬ ଦେଖ)

**୩. ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୪୦ରୁ ୬୦ ଶବ୍ଦ ମଧ୍ୟରେ ଲେଖ । (୨ × ୧)**

(କ) ସତ୍ୟ ଓ ଧର୍ମର ରାସ୍ତାରେ ଚାଲୁଥିବା ଲୋକଙ୍କୁ ଈଶ୍ୱର ନା ନା ଭାବରେ ପରୀକ୍ଷା କରିଥାନ୍ତି । ଉଦାହରଣ ସହ ନିଜର ଅନୁଭବ ଉପସ୍ଥାପନ କର । (ପାଠ ୨୪ ଦେଖ)

(ଖ) ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ଆମ ଜୀବନଧାରଣ ଶୈଳୀକୁ ସହଜ କରିଦେଇଛି । ଉଦାହରଣ ସହ ଯଥାର୍ଥତା ପ୍ରକାଶ କର । (ପାଠ ୨୫ ଦେଖ)

**୪. ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ × ୧)**

(କ) ଗାଁର ମମତା ଅମୂଲମୂଲ । ଗାଁ ଏକ ଆକର୍ଷଣୀୟ ନାଁ । ଗାଁ ଏବେ ଆଉ ଗାଁ ହୋଇରହିନାହିଁ । ସହରୀ ସଭ୍ୟତାର ଅନୁପ୍ରବେଶ ଫଳରେ ରୂପଚିତ୍ର ବଦଳି ଗଲାଣି ଗାଁ ର । ସତ୍ୟତା ଉପସ୍ଥାପନ କର ।

(ପାଠ ୧ ଦେଖ)

(ଖ) ଆମ ଘରର ଅତୀତର ସଂସ୍କୃତି ଓ ଏବେର ପରିବର୍ତ୍ତନ ସଂପର୍କରେ ଆଲୋଚନା କର ।

(ପାଠ ୯ ଦେଖ)

**୫. ନିମ୍ନଲିଖିତ ପ୍ରଶ୍ନମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ପ୍ରାୟ ୧୦୦ରୁ ୧୫୦ ଶବ୍ଦ ମଧ୍ୟରେ ଲେଖ । (୪ × ୧)**

(କ) ମଣିଷର ଆଶା ଅସୁମାରୀ । ଗୋଟିଏ ଆଶା ପୂରଣ ହେଲେ ଆଉ ଗୋଟିଏ ଜନ୍ମନିଏ । ଏମିତି ଏମିତି ଆଶାରେ ଆଶାରେ ବଂଚି ହୋଇଯାଏ ମରଣ ପର୍ଯ୍ୟନ୍ତ । ଏହି ଉକ୍ତିର ସତ୍ୟତା ପ୍ରତିପାଦନ କର । (ପାଠ ୨୬ ଦେଖ)

(ଖ) ପ୍ରତ୍ୟେକ ମନୁଷ୍ୟ ଦେବଶିଶୁ । ବାତାବରଣର ପ୍ରଭାବରେ ସିଏ ଦେବତା ନ ହୋଇ ଦାନବ ବା ମାନବ ଆଚରଣ ପ୍ରକାଶ କରେ, ବିଶ୍ଳେଷଣ କର । (ପାଠ ୪ ଦେଖ)

**୬. ନିମ୍ନଲିଖିତ ପ୍ରକଳ୍ପ ମାନଙ୍କ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରକଳ୍ପ ପ୍ରାୟ ୫୦୦ ଶବ୍ଦ ମଧ୍ୟରେ ପ୍ରସ୍ତୁତ କର । (୬ × ୧)**

(କ) ନିଜ ନିଜ ଅଞ୍ଚଳରେ ରହିଥିବା ବିଶିଷ୍ଟ ସ୍ଥାନର ବିଶେଷତ୍ୱ ଦର୍ଶାଇ ଏକ ପ୍ରକଳ୍ପ ପ୍ରସ୍ତୁତ କର ।

(ପାଠ ୨୩ ଦେଖ)

(ଖ) ଅନ୍ଧବିଶ୍ୱାସର ଅନ୍ଧଗଳିରୁ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆମକୁ ମୁକ୍ତି ଦେଇଛି । ଏ ସମ୍ପର୍କରେ ଏକ ପ୍ରକଳ୍ପ ପ୍ରସ୍ତୁତ କର । (ପାଠ ୨୫ ଦେଖ)

□□